## କାଠମାଣ୍ଡୁରେ ବାଂଲାଦେଶ ବିମାନ ଦୁର୍ଘଟଣାଗ୍ରସ୍ତ

# ଜଳିଗଲେ ୫୦ ବିମାନଯାତ୍ରୀ



ଫଟୋ:ନବେଶ୍ ଚିତ୍ରକାର/ରଏଟର୍ସ

**କାଠମାଣ୍ଡୁ/ଢାକା,୧୨।୩/ପିଟି:**

ବାଂଲାଦେଶର ଏକ ଯାତ୍ରୀବାହୀ ବିମାନ ଆଜି ନେପାଳର ତ୍ରିଭୁବନ ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ ଅବତରଣ କଲାବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯିବାରୁ ଅନ୍ୟୁନ ୫୦ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି। ଗତ ୨୫ ବର୍ଷ ମଧ୍ୟରେ ନେପାଳରେ ଏହା ସବୁଠାରୁ ବଡ଼ ବିମାନ ଦୁର୍ଘଟଣା। ଢାକାରୁ କାଠମାଣ୍ଡୁ ଚଳାଚଳ କରୁଥିବା ୟୁଏସ୍ - ବଂଲା ଏୟାର ଲାଇନ୍ସର ଏହି ବିମାନରେ ୬୭ ଜଣ ଯାତ୍ରୀ ଓ ୪ ଜଣ ଚାଳକ ଦଳ ସଦସ୍ୟ ଥିଲେ। ଯାତ୍ରୀଙ୍କ ମଧ୍ୟରେ ନେପାଳର ୩୩ ଜଣ ନାଗରିକ, ୩୨ ଜଣ ବାଂଲାଦେଶୀ, ଜଣେ ଚୀନ୍ ନାଗରିକ ଓ ଜଣେ ମାଳଦ୍ୱୀପର ନାଗରିକ ବୋଲି ଜଣାପଡ଼ିଛି। ପ୍ରାୟ ଦୁଇ ଡଜନ୍ ଯାତ୍ରୀ ଗୁରୁତର ଆହତ ଅବସ୍ଥାରେ କାଠମାଣ୍ଡୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। କେତେକଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ବିମାନଟି ଅବତରଣ କଲାବେଳେ ରନ୍‌ୱେରୁ ଖସିଯାଇ ଏୟାରପୋର୍ଟ ନିକଟ ଏକ ଫୁଟ୍‌ବଲ୍ ପଡ଼ିଆ ଭିତରେ ପଶିଯାଇ ଥିଲା। ଫଳରେ ଏଥିରେ ନିଆଁ ଲାଗିଯାଇ ଥିଲା ବୋଲି ତ୍ରିଭୁବନ ଇଣ୍ଟରନ୍ୟାସନାଲ ଏୟାରପୋର୍ଟର ମୁଖପାତ୍ର ପ୍ରେମନାଥ ଠାକୁର କହିଛନ୍ତି। ଏହି ଦୁର୍ଘଟଣାରେ ୫୦ ଜଣଙ୍କ ମୃତ୍ୟୁ ଘଟିଥିବା ସ୍ପଷ୍ଟ କରିଛନ୍ତି ନେପାଳ ସେନାର ମୁଖପାତ୍ର ବ୍ରିଗେଡିଅର୍ ଜେନେରାଲ ଗୋକୁଲ ଭଣ୍ଡାରୀ। ଇତିମଧ୍ୟରେ ବିମାନର ବ୍ଲାକ୍ ବକ୍ସ ଘଟଣାସ୍ଥଳରୁ ଉଦ୍ଧାର କରାଯାଇଛି ବୋଲି ଏହି ଏୟାରପୋର୍ଟର ମ୍ୟାନେଜର ରାଜକୁମାର ଛେତ୍ରି କହିଛନ୍ତି। ମିଳିଥିବା ରିପୋର୍ଟ ଅନୁଯାୟୀ ବିମାନଟି ଢାକାରୁ ଉଡ଼ାଣ ଆରମ୍ଭ କରି କାଠମାଣ୍ଡୁ ଏୟାରପୋର୍ଟରେ ଅପରାହ୍ନ ୨.୨୦ (ସ୍ଥାନୀୟ ସମୟ)ରେ ଅବତରଣ କଲାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ନେପାଳର ବେସାମରିକ ବିମାନ ଚଳାଚଳ ପ୍ରାଧିକରଣ ମହାନିର୍ଦ୍ଦେଶକ ସଞ୍ଜୀବ ଗୌତମ

▶▶ ୭